Oriyamusic.com
[Promoting the music of Orissa]

# ଘୁଁ ଘୁଁ ଘୁଁ ଘୁଁ ରଥ ଚାଲିଛି ବସିଛି ମୋ ଜଗନ୍ନାଥିଆ

ଘୁଁ ଘୁଁ ଘୁଁ ଘୁଁ ରଥ ଚାଲିଛି ବସିଛି ମୋ ଜଗନ୍ନାଥିଆ --୨
କରି କରାଉଛି ମାରୁଛି ତାରୁଛି --୨
ନାହିଁ କେହି ତା ଭଳିଆ ରେ ନାହିଁ କେହି ତା ଭଳିଆ
ଘୁଁ ଘୁଁ ଘୁଁ ଘୁଁ ରଥ ଚାଲିଛି ବସିଛି ମୋ ଜଗନ୍ନାଥିଆ

କେ ଡାକେ ବ୍ରହ୍ମାଣ୍ଡ ଗୋସାଇଁ ରେ ଗୋସାଇଁ
କେ କହେ କାଳିଆ କହ୍ନାଇରେ କହ୍ନାଇ ---୨
ସବୁ ଧରମକୁ ଅଡେଇ ଦିଏ ବଡ ଦାଣ୍ଡେ ଗଡେଇ --୨
ବଳିଆର ଭୁଜ ଟେକି ସେ ଦେଇଛି ତରି ଯିବେ ଛୁଇଁ ବାରଜାତିଆ
ଘୁଁ ଘୁଁ ଘୁଁ ଘୁଁ ରଥ ଚାଲିଛି ବସିଛି ମୋ ଜଗନ୍ନାଥିଆ

ସାଧୁ ସନ୍ଥ ଙ୍କର ମେଳାରେ ହୋ ମେଳାରେ
ତରି ବାକୁ ତିନିଭେଳାରେ ହୋ ଭେଳାରେ---୨
ଖଞ୍ଜାଇଛ ତିହା  ନିଯୋଗ
ଭୁଞ୍ଜାଇ  ନାନା ଜାତି ଭୋଗ --୨
ଦଇତା ପତିହେ ବାନ୍ଧି ରତୁଛନ୍ତି ଦେଖିବା କି ନେଇ ଯିବ ଛତିଆ
ଘୁଁ ଘୁଁ ଘୁଁ ଘୁଁ ରଥ ଚାଲିଛି ବସିଛି ମୋ ଜଗନ୍ନାଥିଆ --୨
କରି କରାଉଛି ମାରୁଛି ତାରୁଛି --୨
ନାହିଁ କେହି ତା ଭଳିଆ ରେ ନାହିଁ କେହି ତା ଭଳିଆ
ଘୁଁ ଘୁଁ ଘୁଁ ଘୁଁ ରଥ ଚାଲିଛି ବସିଛି ମୋ ଜଗନ୍ନାଥିଆ
ଘୁଁ ଘୁଁ ଘୁଁ ଘୁଁ ରଥ ଚାଲିଛି ବସିଛି ମୋ ଜଗନ୍ନାଥିଆ ରେ
ବସିଛି ମୋ ଜଗନ୍ନାଥିଆ ରେ ବସିଛି ମୋ ଜଗନ୍ନାଥିଆ

----------------

*ସୌଜନ୍ୟ - ଶ୍ରୀମତୀ ନମିତା ସାହୁ, ଅଷ୍ଟ୍ରେଲିଆ*